## ସଂକ୍ଷେପରେ

### ଲିଙ୍କ୍ ଫେଲ୍, ଦୁଇ ଦିନ ହେଲା ବ୍ୟାଙ୍କ ସେବା ଅଚଳ

ଚିତ୍ରକୋଣ୍ଡା,୫।୯(ଡି.ଏନ.ଏ.): ଚିତ୍ରକୋଣ୍ଡାରେ ଗତ ଦୁଇ ଦିନ ହେଲା ସମସ୍ତ ନେଟ୍ ସେବା ଅଚଳ ହୋଇପଡିଛି। ଫଳରେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ବ୍ୟାଙ୍କର ସବୁ କାରବାର ବନ୍ଦ ରହିଛି। ଏଟିଏମ ସେବା ଲୋକେ ପାଇପାରିନାହାନ୍ତି। ଚିତ୍ରକୋଣ୍ଡାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ଏଚଡିଏଫସି ବ୍ୟାଙ୍କ ରହିଛି। ଲିଙ୍କ ସମସ୍ୟା ପାଇଁ ଦୁଇ ଦିନ ଏପରି ସମସ୍ୟା ଦେଖାଦେଇଛି। ଏନେଇ ଲୋକେ ହଇରାଣ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଅସହାୟ ଛାତ୍ରଙ୍କୁ କଟକ ସ୍ଥାନାନ୍ତର କଲା ପ୍ରଶାସନ

ମାଥିଲି, ୫।୯ : ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଡ ଭାଙ୍ଗିଯାଇ ଚିକିତ୍ସିତ ହେଉଥିବା ଅସହାୟ ଛାତ୍ରଙ୍କୁ ଗୁରୁବାର ଉଚ୍ଚ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି। ଛାତ୍ର ଜଣକ ହେଲେ ଏହି ବ୍ଲକ ଅନ୍ତର୍ଗତ ଦଳପତିଗୁଡା ଏଚଏସ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଥିବା ବନମାଳି ଦୋରା। କିଛି ଦିନ ତଳେ ବନମାଳି ବିଦ୍ୟାଳୟରେ ଖେଳୁଥିବାବେଳେ ପଡିଯିବାରୁ ତାଙ୍କ ଗୋଟିଏ ଗୋଡ ଭାଙ୍ଗିଯାଇଥିଲା । ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମେ ଛାତ୍ରଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ କଟକ ନେବାକୁ ପରାମର୍ଶ ଦେଇଥିଲେ। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଏବଂ ଅନାଥ ହୋଇଥିବାରୁ ବନମାଳି ଅନ୍ୟତ୍ର ଯାଇପାରି ନ ଥିଲେ। ଏ ନେଇ ଶିକ୍ଷା ବିଭାଗ ଅବଗତ ଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବନମାଳିଙ୍କ ଗୁରୁବାର ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲକୁ ପଠାଯାଇଛି । ଏହି ସମୟରେ ଏବିଇଓ ସତ୍ୟ ଭଦ୍ରା, ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, ପୂର୍ବତନ ବ୍ଲକ ଅଧକ୍ଷ ସ୍ମୃତି ରଞ୍ଜନ, ବିଦ୍ୟାଳୟର ଶିକ୍ଷକ ସଞ୍ଜୟ ରାୟସିଂ ପ୍ରମୁଖ ଉପସ୍ଥିତ ଥିଲେ। ବନମାଳି ଭଲ ହେବା ପର୍ଯ୍ୟନ୍ତ ତାଙ୍କ ସମସ୍ତ ଖର୍ଚ୍ଚ ପ୍ରଶାସନ ବହନ କରିବ ବୋଲି ଜଣାପଡିଛି।

### ଯୋଗ ଦେଲେ ୨ ନୂଆ ଡାକ୍ତର

ଚିତ୍ରକୋଣ୍ଡା,୫।୯(ଡି.ଏନ.ଏ.): ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ୨ଜଣ ନୂତନ ଡାକ୍ତର ଯୋଗ ଦେଇଛନ୍ତି। ଏହି ଚିକିତ୍ସାଳୟରେ ଦୀର୍ଘ ଦିନ ଧରି ଡାକ୍ତର ସମସ୍ୟା ଲାଗି ରହିଥିଲା। କେବଳ ଜଣେ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ଏଠାରେ ଥିଲେ। ପୂର୍ବରୁ ଏଠାରେ ୩ ଜଣ ଡାକ୍ତର ନିଯୁକ୍ତି ହୋଇଥିଲେ ମଧ ସେମାନେ ଆସି ଏଠାରେ କିଛି ଦିନ ରହି ଚାଲିଯାଇଥିଲେ। ବର୍ତ୍ତମାନ ଯୋଗ ଦେଇଥିବା ୨ଜଣ ଡାକ୍ତର ହେଲେ ମୁଗାଙ୍କ ହାଲଦାର ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଦୀପକ କୁମାର ନାୟକ। ଏବେ ଆଉ ରୋଗୀମାନେ ଅସ୍ତ୍ରୋପ୍ରଚାର, ପରିବାର ନିୟନ୍ତ୍ରଣ, ପ୍ରସୁତି ଭଳି ଚିକିତ୍ସାରେ କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ଡାକ୍ତର ମହନ୍ତ କହିଛନ୍ତି।

### ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ବାହୀଯନ୍ତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ମାଲକାନଗିରି,୫।୯ (ସ୍ୱ.ପ୍ର): ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ବାହୀଯନ୍ତ୍ରୀ ଏନ୍.ଭି. ହରିହର ରାଓଙ୍କୁ ବୁଧବାର କାର୍ଯ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦାୟୀ ନିର୍ବାହୀଯନ୍ତ୍ରୀ ରାଓଙ୍କ ସମୟରେ ଜିଲାରେ ଗମନାଗମନ କ୍ଷେତ୍ରରେ ଅନେକ ରାସ୍ତାଘାଟ ନିର୍ମାଣ ହୋଇଥିଲା। ସେ ସର୍ବଦା ଜନସାଧାରଣଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିଲେ।

# ସତ୍ୟ ଖବରକୁ ମିଥ୍ୟା ଦର୍ଶାଇଲା ଜିଲା ପ୍ରଶାସନ

## ଗ୍ରାମବାସୀ କହିଲେ ତଦନ୍ତ ପାଇଁ ଆମ ଗ୍ରାମକୁ କେହି ଆସିନାହାନ୍ତି

ଚିତ୍ରକୋଣ୍ଡା/ମାଲକାନଗିର, ୫।୯ (ଡି.ଏନ୍.ଏ.)



ଗଛ ତଳେ ପିଲାମାନେ ପାଠ ପଢୁଥିବା ଦୃଶ୍ୟ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡା ପଞ୍ଚାୟତ ଅନ୍ତର୍ଗତ ଥାଟମାନଗୁଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗଛମୂଳେ ପଢୁଛନ୍ତି ପିଲାଏ ଖବର ଧରିତ୍ରୀରେ ଗତ ୩।୯ରେ ପ୍ରକାଶ ପାଇଥିଲା। ଉକ୍ତ ଖବରରେ ଗତ ୩ବର୍ଷ ହେଲା ଶ୍ରେଣୀ ଗୃହ ଛାତରେ ଫାଟ ସୃଷ୍ଟି ହୋଇ ବର୍ଷାପାଣି ଗଳୁଥିବା, ୨ବର୍ଷ ହେଲା ଘରର କାନ୍ଥ ଫାଟି ଭାଙ୍ଗିଥିବାରୁ ଚଳିତ ବର୍ଷ ଛାତ୍ରୀଛାତ୍ରମାନେ ଗଛତଳେ ପାଠ ପଢୁଥିବା ଉଲ୍ଲେଖ ଥିଲା। ଏହି ଖବର ପ୍ରକାଶ ପରେ ବରଗଡ ଜିଲାର ଦିବାସ ସାହୁ ନାମକ ଜଣେ ସାମାଜିକ କର୍ମୀ ଧରିତ୍ରୀରେ ପ୍ରକାଶିତ ଖବରର ପେପର କଟିଂକୁ ମୁଖ୍ୟମନ୍ତ୍ରୀ ଓ ମାଲକାନଗିରି ଜିଲାପାଳଙ୍କୁ ଟ୍ୱିଟ୍ କରି ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମାଲକାନଗିରି ଜିଲାପାଳଙ୍କୁ ପ୍ରକାଶିତ ଖବର ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ଜିଲାପାଳ ଜିଲା ଶିକ୍ଷାଧିକାରୀଙ୍କୁ ଏ ନେଇ ଜଣାଇବା ପରେ ଶିକ୍ଷାଧିକାରୀ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କୁ ଘଟଣା ସ୍ଥଳକୁ ଯାଇ ପ୍ରକୃତ ତଥ୍ୟ ସଂଗ୍ରହ ସହ ଏହାର ପ୍ରତିକାର କରିବା ପାଇଁ ଜଣାଇଥିଲେ। ମାତ୍ର କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଘଟଣା ସ୍ଥଳକୁ ନ ଯାଇ ଫୋନ ଦ୍ୱାରା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଜଣାଇ ଏକ ରିପୋର୍ଟ ଦେବାପାଇଁ କହିଥିଲେ। ସମ୍ପୃକ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟର ଶ୍ରେଣୀ ଗୃହରେ ପାଣି ଗଳୁଥିବା କଥା ସତ୍ୟ, ମାତ୍ର ପିଲାମାନେ ଗଛ ମୂଳେ ପାଠ ପଢିବା ଖବର ମିଥ୍ୟା ଦର୍ଶାଇ ବ୍ଲକ ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ପ୍ରଧାନଶିକ୍ଷକଙ୍କ ରିପୋର୍ଟ ଆଧାରରେ ଉକ୍ତ ଖବରଟି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବା ସହ ପାଣି ଗଳୁଥିବା ଶ୍ରେଣୀଗୃହ ତୁରନ୍ତ ମରାମତି କରିବା ପାଇଁ ଚିତ୍ରକୋଣ୍ଡା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଇଥିଲେ। ଜିଲା ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀଙ୍କ ଚିଠିକୁ ଆଧାର କରି ଜିଲାପାଳଙ୍କୁ ଜଣାଇବା ପରେ ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କୁ ଏବଂ ସାମାଜିକ କର୍ମୀ ଦିବାସ ସାହୁଙ୍କୁ ଟ୍ୱିଟ୍ କରି ଗଛମୂଳେ ପାଠ ପଢୁଥିବା ପିଲାଏ ଖବରଟି ମିଥ୍ୟା ବୋଲି ଜଣାଇଛନ୍ତି। ଏଥିସହ ସହ ଭଙ୍ଗା ଶ୍ରେଣୀଗୃହକୁ ମରାମତି କରାଯିବ ବୋଲି କହିଛନ୍ତି। ତେବେ ପିଲାମାନେ ଗଛମୂଳେ ପାଠ ପଢଥିବା ଏବଂ ଜଣେ ଶିକ୍ଷକ ଚେୟାରରେ ବସି ପାଠ ପଢାଉଥିବା ଘଟଣା ସତ୍ୟ । ଗ୍ରାମବାସୀମାନେ ଏନେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏ ସମ୍ପର୍କରେ ସେମାନେ ଗତ ତିନିବର୍ଷ ହେଲା ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଛନ୍ତି। ଚଳିତ ବର୍ଷ ବିଦ୍ୟାଳୟ ଛାତରୁ ପାଣି ଗଳିବା, କାନ୍ଥ ଫାଟିଯିବା ଯୋଗୁ ଏହା ବିପଦସଙ୍କୁଳ ଅବସ୍ଥାରେ ରହିଛି। ପାଗ ଭଲଥିଲେ ପିଲାମାନେ ବିଦ୍ୟାଳୟ ନିକଟ ଗଛମୂଳେ ପାଠ ପଢନ୍ତି। ବର୍ଷା ହେଲେ ପାଖରେ ଥିବା ଗ୍ରାମବାସୀଙ୍କ ଘର ପିଣ୍ଡାରେ ପାଠ ପଢନ୍ତି ବୋଲି କହିଛନ୍ତି। ଖବର ପ୍ରକାଶ ପାଇଲା ପରେ ଆମ ଗ୍ରାମକୁ ବ୍ଲକ ଶିକ୍ଷାଧିକାରୀ କିମ୍ବା କୌଣସି ଶିକ୍ଷା ବିଭାଗ ଅଧିକାରୀ ଆସିନାହାନ୍ତି। ଆମ ସହିତ ପ୍ରକୃତ ଘଟଣା ନେଇ କେହି ବୁଝିନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

## ସେମାନେ କୁହନ୍ତି...



୨୦୦୮ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟର ଶ୍ରେଣୀ ଗୃହ ୨୦୧୦ରେ ନୂତନ ଗୃହକୁ ସ୍ଥାନାନ୍ତରିତ ହୋଇଥିଲା। ଗତ ୩ବର୍ଷ ହେଲା ଧୀରେ ଧୀରେ କାନ୍ଥ ଫାଟିବାରେ ଲାଗିଛି। ଛାତରୁ ପାଣି ଗଳୁଛି। ଖରାଦିନ ବିଦ୍ୟାଳୟ ଭିତରେ ପାଠ ପଢା ଚାଲିଥିଲା। ଚଳିତବର୍ଷାରେ ଛାତରୁ ଅତ୍ୟଧିକ ପାଣି ଗଳିବାରୁ ଛାତ୍ରୀଛାତ୍ରଙ୍କୁ ପିଣ୍ଡାରେ ପାଠ ପଢା ଯାଉଛି। ପାଗ ଭଲ ଥିଲେ ବିଦ୍ୟାଳୟ ନିକଟରେ ଥିବା ଗଛ ତଳେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି।

**- ରାମେୟା ମାଝି, ପ୍ରଧାନଶିକ୍ଷକ ଥାଟମାନଗୁଡା ପ୍ରାଥମିକ ବିଦ୍ୟାଳୟ**



ଚଳିତବର୍ଷ ବର୍ଷାରେ ଛାତରୁ ପାଣି ଗଳୁଥିବା ଏବଂ କାନ୍ଥ ଫାଟି ଯାଇଥିବାରୁ ବିପଦ ସୃଷ୍ଟି ହୋଇଛି। ଅଧିକ ବର୍ଷା ହେଲେ ପିଣ୍ଡାରେ ପାଠ ପଢାଯାଉଛି। ପାଗ ଭଲ ଥିଲେ ଗଛମୂଳେ ପାଠ ପଢାଯାଏ।

**-ରାମଚନ୍ଦ୍ର ଖରା, ସହକାରୀ ଶିକ୍ଷକ**



ବିଦ୍ୟାଳୟ ଗୃହ ଚାରିପଟ ଫାଟିଯାଇଥିବାରୁ କାନ୍ଥ ଭାଙ୍ଗିଯିବା ଭୟରେ ପିଲାମାନେ ପିଣ୍ଡାରେ ଏବଂ ଶୁଖିଲା ପାଗ ହୋଇଥିଲେ ଗଛତଳେ ପଢନ୍ତି।

**-ସନି ମୁଦୁଲି, ସହକାରୀ ରୋଷେୟା**



ଆମ ବିଦ୍ୟାଳୟର ଶ୍ରେଣୀ ଗୃହ ଚାରିପଟ ଫାଟି ଯାଇଥିବାରୁ ବର୍ଷାଦିନେ ଛାତରୁ ପାଣି ଗଳୁଛି। ଘରକାନ୍ଥ ଭାଙ୍ଗିଯିବା ଭୟରେ ବିଦ୍ୟାଳୟ ଭିତରେ ନ ପଢି ପିଲାମାନେ ପାଖ ଘର ପିଣ୍ଡାରେ ପଢନ୍ତି। ପାଗ ଭଲ ଥିଲେ ଆମକୁ ସାର୍ ଗଛତଳେ ପାଠ ପଢାନ୍ତି।

**- ପୁରୁଷୋତ୍ତମ ଖରା, ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ର**



ବିଦ୍ୟାଳୟକୁ ପାଠ ପଢିବାକୁ ଯିବା ପାଇଁ ଭୟ ଲାଗୁଛି। କେଉଁ ମୁହୂର୍ତ୍ତରେ ଛାତ ଗଳିପଡିବ କିମ୍ବା କାନ୍ଥ ଭାଙ୍ଗିଯିବ ତାହା କହିହେବ ନାହିଁ। ଏବର୍ଷ ବର୍ଷାରେ ଚଟାଣରେ ପାଣି ଭର୍ତ୍ତି ହୋଇଯିବାରୁ ପଡୋଶୀ ଘର ପିଣ୍ଡାରେ ପଢୁଥିଲୁ। ପାଗ ଭଲ ଥିଲେ ନିକଟସ୍ଥ ଗଛମୂଳେ ସାରମାନେ ଆମକୁ ପାଠ ପଢାନ୍ତି ।

**- ଧନୁମତି ଶିଶା, ୫ମ ଶ୍ରେଣୀ ଛାତ୍ରୀ**



ତିନିବର୍ଷ ଧରି ବିଦ୍ୟାଳୟ ଗୃହ ବିପଦସଙ୍କୁଳ ଅବସ୍ଥାରେ ଅଛି। ଏ ସମ୍ପର୍କରେ ଆମେ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଜଣାଇଛୁ। ଆମ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଅସୁରକ୍ଷିତ ଅବସ୍ଥାରେ ଶ୍ରେଣୀଗୃହ ପଡିରହିଛି। ଭଲ ପାଗ ଦେଲେ ସାରମାନେ ବିଦ୍ୟାଳୟ ନିକଟ ଗଛମୂଳେ ଶିକ୍ଷାଦାନ କରିବା ଘଟଣା ସତ୍ୟ । ଖବର ପ୍ରକାଶ ପରେ ମୋ ସହିତ କିମ୍ବା ପରିଚାଳନା କମିଟି ସହିତ କୌଣସି ଅଧିକାରୀ ଆସି ଆଲୋଚନା କରିନାହାନ୍ତି।

**-ପଦଲାମ ମୁଦୁଲି, ଥାଟାମଗୁଡା ବିଦ୍ୟାଳୟ ପରିଚାଳନା ସଭାପତି**

# ଧରିତ୍ରୀ ପ୍ରଭାବ: ନ୍ୟାୟ ପାଇଲେ ସୁଶାନ୍ତ

କୋରୁକୋଣ୍ଡା,୫।୯ (ଡ଼ି.ଏନ.ଏ.)

୮ବର୍ଷ ପରେ ନ୍ୟାୟ ପାଇଲେ ସୁଶାନ୍ତ। ହତୋତ୍ସାହିତ ହୋଇ ଭାଙ୍ଗିପଡିଥିବା ସୁଶାନ୍ତଙ୍କ ଦୁଃଖ ଶୁଣିଛନ୍ତି ମାଲକାନଗିରି ଜିଲାପାଳ। ୮ବର୍ଷ ହେଲା ଦରମା ପାଇ ନ ଥିବା ସୁଶାନ୍ତଙ୍କୁ ଅଗଷ୍ଟ ମାସର ଦରମା ମିଳିଛି। ଏଥିସହ ତାଙ୍କ ଚାକିରି ନିୟମିତ ହୋଇଛି। ଏ ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ସୁଶାନ୍ତଙ୍କୁ ଉପରୋକ୍ତ ନ୍ୟାୟ ମିଳିଛି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ କାର୍ଯ୍ୟାଳୟରେ ଡ୍ରାଇଭର ରୂପେ କାର୍ଯ୍ୟ କରୁଥିଲେ ସୁଶାନ୍ତ କୁମାର ସାହୁ। ମାର୍ଚ୍ଚ ୨୦୧୨ରେ ଅସ୍ଥାୟୀ ରୂପେ ଏହି ନିଯୁକ୍ତି ପାଇଥିବା ସୁଶାନ୍ତଙ୍କୁ ଦୀର୍ଘ ୮ ବର୍ଷ ହେବ ଦରମା ମିଳି ନ ଥିଲା। ଏଥିସହ ତାଙ୍କ ସହ ଅସ୍ଥାୟୀ ନିଯୁକ୍ତି ପାଇଥିବା ଅନ୍ୟ ଡ୍ରାଇଭରଙ୍କ ଚାକିରି ନିୟମିତ ହୋଇଥିବା ବେଳେ ସୁଶାନ୍ତଙ୍କୁ ନିୟମିତ କରାଯାଇ ନ ଥିଲା। ଗୋଟିଏ ପକ୍ଷରେ ଦରମା ନ ପାଇବା ଅନ୍ୟପଟେ ନିୟମିତ ନ ହୋଇ ସେହି ଅସ୍ଥାୟୀ ରୂପେ କାର୍ଯ୍ୟ କରିବା ତାଙ୍କୁ ବେଶ୍ ମାନସିକ ଆଘାତ ଦେଇଥିଲା। ଏଣେ ପରିବାର ଚଳାଇବା ତାଙ୍କ ପାଇଁ ଦିନକୁ ଦିନ କଷ୍ଟକର ହୋଇପଡୁଥିଲା। ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ସୁଶାନ୍ତ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଗତ ଜୁଲାଇ ୨୬ରେ ସୁଶାନ୍ତ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହା ଜାଣିପାରି ତାଙ୍କୁ ବିଡିଓଙ୍କ ସହ ଅନ୍ୟ କର୍ମଚାରୀମାନେ ବୁଝାଶୁଝା କରି ଉଦ୍ଧାର କରିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଏହାର ତଦନ୍ତ କରି ବୁଧବାର ସୁଶାନ୍ତଙ୍କୁ ଦରମା ଦେବାପାଇଁ ଘୋଷଣା କରିଛନ୍ତି । ସେ ଚଳିତବର୍ଷ ଅଗଷ୍ଟ ମାସରୁ ଏହି ଦରମା ପାଇବେ। ଏଥିସହ ସେ ଅଗଷ୍ଟ ମାସରୁ ହିଁ ଚାକିରିରେ ନିୟମିତ ହେବେ ବୋଲି କହିଛନ୍ତି ଜିଲାପାଳ ମନୀଶ ଅଗ୍ରୱାଲ। ଯେଉଁ ୮ ବର୍ଷ ଧରି ସୁଶାନ୍ତ ବ୍ଲକ ଅଫିସରେ ଓ ଡିପିଓ ଅଫିସରେ କାର୍ଯ୍ୟ କରି ଦରମା ପାଇନାହାନ୍ତି ସେନେଇ ଏକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହି ମାମଲାର ବିଚାର ସରିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ଅଗ୍ରୱାଲ କହିଛନ୍ତି।

## ଚାରା ରୋପଣ କାର୍ଯ୍ୟକ୍ରମ

ମାଲକାନଗିରି,୫।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ବିଜୁ ସବୁଜ ବାହିନୀ ପକ୍ଷରୁ ସଦର ବ୍ଲକ ତମସା ପଞ୍ଚାୟତ ସଦର ମହକୁମା ତମସା ଗ୍ରାମରେ ଚାରାରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସବୁଜବାହିନୀର ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଜିଲା ପ୍ରକଳ୍ପ ସଂଯୋଜକ ଦେବା ସୋଡିଙ୍କ ନେତୃତ୍ୱରେ ଗ୍ରାମ ବିଦ୍ୟାଳୟ ଖେଳ ପଡିଆ, ପୁଷ୍କରିଣୀ ଚତୁପାର୍ଶ୍ୱ, ସ୍ମଶାନ ଘାଟରେ ଚାରା ରୋପଣ କରିଥିଲେ। ଉକ୍ତ ଅଞ୍ଚଳରେ ୪ହଜାର ଚାରା ରୋପଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଚାରାରୋପଣ ସହ ଅଞ୍ଚଳବାସୀଙ୍କୁ ନିଜ ବାଡିରେ ଚାରାରୋପଣ କରିବା ଏବଂ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରାଯାଉଛି ବୋଲି ସୋଡି କହିଥିଲେ। ଅନ୍ୟପକ୍ଷରେ ତମସା ଅଞ୍ଚଳବାସୀ ମଧ ନିକଟସ୍ଥ ଜଙ୍ଗଲକୁ ସୁରକ୍ଷା ଦେବେ ବୋଲି ପ୍ରକାଶ କରିଛନ୍ତି।

## ମଡର୍ନ ଇଂଲିଶ ବିଦ୍ୟାଳୟକୁ ସରକାରୀ ସ୍ୱୀକୃତି

ମାଲକାନଗିରି,୫।୯(ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମାସ୍ଥିତ ମଡର୍ନ ଇଂଲିଶ ବିଦ୍ୟାଳୟକୁ ସରକାରୀ ସ୍ୱୀକୃତି ମିଳିଛି। ଏହାର ଅବଧି ୯।୭।୨୦୧୯ରୁ ୩୧।୩।୨୦୨୩ ପର୍ଯ୍ୟନ୍ତ ରହିଛି। ଏହି ଶିକ୍ଷାନୁଷ୍ଠାନ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରିପାରିବ। ଏନେଇ ମାଲକାନଗିରି ଜିଲା ଶିକ୍ଷାଧିକାରୀଙ୍କ ଚିଠି ସଂଖ୍ୟା ୩୧୨୧ରୁ ସ୍ପଷ୍ଟ ହୋଇଛି। ଆବଶ୍ୟକ ସଂଖ୍ୟକ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଦାନ, ଶୃଙ୍ଖଳିତ ଅନୁଶାସନ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟରେ ଶିକ୍ଷା ସହ ପିଲାମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଗୁରୁତ୍ୱାରୋପ କରାଯାଉଛି। ଏ ସମ୍ପର୍କରେ ବିଦ୍ୟାଳୟ ଅଧକ୍ଷ ଅଶ୍ୱିନୀ କୁମାର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ଖବର ପାଇବା ପରେ ଖୁସି ଲାଗୁଛି। ଅଭିଭାବକମାନଙ୍କ ଆଗ୍ରହ ଓ ଦିଗଦର୍ଶନ ଆମକୁ ଉତ୍ସାହିତ କରିଛି।



ମାଲକାନାଗିରିର ଏକ ବିଦ୍ୟାଳୟରେ ଗୁରୁଦିବସ କାର୍ଯ୍ୟକ୍ରମରେ ଛାତ୍ରୀ ବକ୍ତୃତା ଦେଉଛନ୍ତି।

■ ମଣ୍ଡଳ ସ୍ତରୀୟ ଗୁରୁଦିବସ ପାଳିତ

# ଗୁରୁ ପୃଥିବୀର ସର୍ବଶ୍ରେଷ୍ଠ ବ୍ୟକ୍ତି

ମାଲକାନଗିର,୫।୯(ଡି.ଏନ୍.ଏ.)

ଗୁରୁବାର ମାଲକାନଗିରି ଜିଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଫୁଲଚନ୍ଦନ ପୂଜା କରିଛନ୍ତି। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଶୀର୍ବାଦ ଦେଇଛନ୍ତି। ମାଲକାନଗିରି ସଦର ମହକୁମା ବୁଟିଗୁଡାରେ ମଣ୍ଡଳସ୍ତରୀୟ ଗୁରୁଦିବସ ପାଳିତ ହୋଇଛି। ଏଥିରେ ମାଲକାନଗିରି ମଣ୍ଡଳ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତିବନ୍ଧୁ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବ୍ଲକ ସହକାରୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି, ସୁଧାରାମ ଦାସ, ବିଜୟ କୁମାର ଦାସ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଥମେ ସ୍ୱର୍ଗତ ଗୁରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏବଂ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଗୁରୁଦିବସ ରୂପେ ସମଗ୍ର ଦେଶରେ ପାଳିତ ହେଉଛି। ଗୁରୁ ହିଁ ପୃଥିବୀରେ ସର୍ବଶ୍ରେଷ୍ଠ ବ୍ୟକ୍ତି। ତେବେ ଗୁରୁଶିଷ୍ୟ ପରମ୍ପରା କ୍ରମଶଃ ପରିବର୍ତ୍ତନ ହେବାରେ ଲାଗିଛି। ଏହାର ପରିଭାଷା ବଦଳିବାରେ ଲାଗିଛି। ପାରମ୍ପରିକ ଶିକ୍ଷା ଓ ଗୁରୁଙ୍କ ମୁଖନିସୃତ ଜ୍ଞାନ ଶିଷ୍ୟଙ୍କ ପାଇଁ ଏକଦା ଗ୍ରହଣୀୟ ହୋଇ ଆସୁଥିଲା। ଏବେ ଇଣ୍ଟରନେଟ୍ ଓ ଡିଜିଟାଲ ଦୁନିଆରେ ଏହି ପରମ୍ପରା ହଜିଯିବାକୁ ବସିଛି। ଗୁରୁ ଶିଷ୍ୟ ପରମ୍ପରା କିପରି ବଜାୟ ରହିବ ସେ ସମ୍ପର୍କରେ ଅତିଥିମାନେ ନିଜ ବକ୍ତବ୍ୟରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଡିଜିଟାଲ୍ ଏବଂ କମ୍ପ୍ୟୁଟର ଦୁନିଆର ଶିକ୍ଷାଠାରୁ ଦୂରରେ ରହି ନିଜର ଅଧବସାୟ ଜ୍ଞାନବଳରେ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଲେ ଏହା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଯଥାର୍ଥ ସମ୍ମାନ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ୯ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ କିଶୋର ଚନ୍ଦ୍ର ନାୟକ, ପବିତ୍ର ଜୟସିଂ, ପ୍ରଦୀପ ଦାଶ, ପ୍ରତାପ ପଣ୍ଡା, ମାଳତି ପଣ୍ଡା, ସୁବାଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ମନୋଜ ସାହୁ ଏବଂ ରଘୁନାଥ ଦୋରା। ଏହି କାର୍ଯ୍ୟକ୍ରମକୁ ବିନୋଦ ବିହାରୀ ଦାସ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ୫ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟ ପକ୍ଷରେ ଜିଲା ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ଗୁରୁଦିବସକୁ ଆଗ୍ରହର ସହ ଛାତ୍ରୀଛାତ୍ରମାନେ ପାଳନ କରିଛନ୍ତି।

# ଶିକ୍ଷକମାନଙ୍କ ନିଷ୍ଠାପର ଉଦ୍ୟମ ଶିକ୍ଷାରେ ଉନ୍ନତି ଆଣିଛି

ମାଲକାନଗିରି/କାଲିମେଲା/ ପାଣ୍ଡ୍ରିପାଣି/ଚିତ୍ରକୋଣ୍ଡା/ ଏମଭି–୭୯, ୫।୯(ଡି.ଏନ୍.ଏ.)

ପବିତ୍ର ଗୁରୁଦିବସ ମାଲକାନଗିରି ଜିଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଆଡମ୍ବର ସହକାରେ ପାଳିତ ହୋଇଛି। ଜିଲା ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତର ୭ଟି ଗ୍ରାମରେ ଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତିମାନେ ଶିକ୍ଷକମାନଙ୍କୁ ସମ୍ମାନିତ କରି ଉଦାହରଣ ସୃଷ୍ଟି କରିଛନ୍ତି।ଏନେଇ ଗୁରୁବାର କୃସୁବାଡା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା। ସରପଞ୍ଚ ଏରା ପଡିଆମିଙ୍କ ଅଧକ୍ଷତା କରିଥିଲେ। ଗୁରୁଦିବସ ଉପଲକ୍ଷେ ଶିକ୍ଷକମାନଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପଞ୍ଚାୟତର ସିଆରସିସି ମଧୁମଙ୍ଗଳ ସରକାର ମଧ ସମ୍ମାନିତ ହୋଇଥିଲେ। ସରପଞ୍ଚ ପଡିଆମି ଶିକ୍ଷକମାନଙ୍କ ନିଷ୍ଠା ଓ ଆଦର୍ଶର ପ୍ରଶଂସା କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ପଞ୍ଚାୟତରେ ଶିକ୍ଷାର ଉନ୍ନତି ଓ ଛାତ୍ର ଉପସ୍ଥାନ ବୃଦ୍ଧି ପାଇଥିବା ପ୍ରକାଶ କରିଥିଲେ। କାଲିମେଳା ବ୍ଲକର ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟରତ ୬ ଜଣ ଓ ଅବସରପ୍ରାପ୍ତ ୨ ଜଣ କୃତୀ ଶିକ୍ଷୟିତ୍ରୀଶିକ୍ଷକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କାଲିମେଲା ବ୍ଲକ ଅଧକ୍ଷ ମାଲା ମାଢି ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ,ସମିର ମିସ୍ତ୍ରୀ, ପ୍ରମଳା ଦାସ, ଏବିଇଓ ଅସିତ ମିସ୍ତ୍ରୀ,ଏବିଇଓ ଚିନ୍ତା ହରଣ ମଧୁ,ଏବିଇଓ ରବିନ୍ଦ୍ର ନାଥ ଧର, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ଶିକ୍ଷକ ନବ କିଶୋର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଶିକ୍ଷକ ଅକ୍ଷୟ କୁମାର ପଣ୍ଡା ଅତିଥି ପରିଚୟଦେଇଥିଲେ। ଶିକ୍ଷକ ସଂଘ ସଭାପତି ଧ୍ରୁବ ଚରଣ ନାୟକ ସ୍ୱାଗତ ସୂଚନା ଦେଇଥିଲେ। ସମ୍ମାନିତ ଶିକ୍ଷକମାନେ ହେଲେ ନାଲାଗୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ତାପାଲି,ଗମ୍ପାକୋଣ୍ଡା ପଞ୍ଚାୟତ ଏମଭି–୬୬ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସମୀର କୁମାର ଗୋପ, ମାନ୍ୟମକୋଣ୍ଡା ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ନାୟକ,ଏମଭି–୭୫ ବିଦ୍ୟାଳୟର ଶିକ୍ଷକ ଅମରେଶ୍ୱର ବିଶ୍ୱାଳ,ଏମପିଭି–୨୪ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିଭାରାଣୀ ସରକାର ଏବଂ ତାମନପାଲ୍ଲୀ ବିଦ୍ୟାଳୟର ଶିକ୍ଷକ ସୁରେଶ ରାବା। ୨ ଅବସରପ୍ରାପ୍ତ ଶିକ୍ଷକ ହେଲେ କୁର୍ମାନୁର ପଞ୍ଚାୟତ ଘାଟିଗୁଡା ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ହରିସିଂ ରାୟ ଏବଂ ବୁଦୁଗୁଡା ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ପୁନେଇ ମାଝି । ଶିକ୍ଷକ ସଂଘ ସମ୍ପାଦକ ଜୟନ୍ତ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

ମାଲକାନଗିରି ବ୍ଲକ ପେଡାକୋଣ୍ଡା ପଞ୍ଚାୟତସ୍ଥିତ ସରକାରୀ ଅପଗ୍ରେଡେଡ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ମାଡା ମାଡକାମୀ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ପାଣ୍ଡ୍ରିପାଣିସ୍ଥିତ ଅନୁସୁଚିତ ଜାତି ଓ ଜନଜାତି ବିଭାଗର ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳନ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗା ପୂଜାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରିଥିଲେ। ଆଶ୍ରମ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୭ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଗୁରୁଦିବସ ଆୟୋଜନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ଦଳାଇ ଅତୀତର ଗୁରୁ ଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

ଚିତ୍ରକୋଣ୍ଡା ସହରରେ ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ଅବସରରେ ଛାତ୍ରୀଛାତ୍ରମାନେ ପ୍ରଧାନ ଶିକ୍ଷକ ରବିନ୍ଦ୍ର ତାମ୍ରାପୁଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପୂଜା କରି ଆଶୀର୍ବାଦ ନେଇଥିଲେ। ଏଥିସହ ଡିଏଭି ଗୁରୁକୁଳ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଓଡିଶା ଆଦର୍ଶ ବିଦ୍ୟାଳୟ, କନ୍ୟାଶ୍ରମ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଅନ୍ୟାନ୍ୟ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଗୁରୁଙ୍କ ପୂଜାର୍ଚ୍ଚନା କରି ଏହି ଦିବସ ପାଳନ କରିଛନ୍ତି। ସେହିପରି ବିଚ୍ଛିନ୍ନାଞ୍ଚଳରେ ମଧ ଗୁରୁଦିବସ ପାଳିତ ହୋଇଛି।

ଏମଭି–୭୯ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ଅବସରରେ ଗୁରୁ ପୂଜା କରିଛନ୍ତି ଛାତ୍ରୀଛାତ୍ର। ଛାତ୍ରଛାତ୍ରୀମାନେ ଧୂପ ଦୀପ ଫୁଲ ଚନ୍ଦନ ଦେଇ ଗୁରୁଙ୍କୁ ମାର୍ଗଦର୍ଶକ ରୂପେ ପୂଜା କରି ଆଶୀର୍ବାଦ ନେଇଛନ୍ତି। +୩ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଗୁରୁ ଦିବସ ପାଳନ କରିଛନ୍ତି। +୨ କଲେଜରେ ଛାତ୍ରୀଛାତ୍ରମାନେ ଗୁରୁ ପୂଜା କରି ଗୁରୁଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଏସଏସଡି ବାଳିକା ବିଦ୍ୟାଳୟରେ ଛାତ୍ରୀମାନେ ଗୁରୁ ବନ୍ଦନା କର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



କାଳିମେଳାରେ ଗୁରୁଦିବସ ଅବସରରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ପାଣ୍ଡ୍ରିପାଣିରେ ଆୟୋଜିତ ଗୁରୁଦିବସ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ଗୁରୁ ସର୍ବଦା ପୂଜନୀୟ



ଡାବୁଗାଁ, ୫।୯ (ଡି.ଏନ.ଏ.): ଡାବୁଗାଁ ବ୍ଲକ ଅଧୀନ ଓଡିଶା ଆଦର୍ଶ ବିଦ୍ୟାଳୟରେ ଡାବୁଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗୁରୁଦିବସ ପାଳିତ ହୋଇଯାଇଛି । ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ରୁଦ୍ର ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ଶିକ୍ଷକ ଡାଃ.ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଗୁରୁଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଏଥିରେ ଆବାହକ ବିକାଶ ରଞ୍ଜନ ନିଶଙ୍କ ଓ ସୁବ୍ରତ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ମିଶ୍ର, ଗୋପୀନାଥ ବେହେରା, ମଧୁସୂଦନ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ନୃସିଂହ ରାଉତ, କଣ୍ଡୁରି ଚରଣ ମୁଦୁଲି ପ୍ରମୁଖ ଶିକ୍ଷକ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମୀକାନ୍ତ ବାହିନୀପତି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ଧନସିଂ ତନ୍ତୀ, ରତିକାନ୍ତ ନାୟକ, ରାଇସିଂ ପୂଜାରୀ, ପ୍ରକାଶ ଖଟୁଆ, ପଙ୍କଜ ମହାନ୍ତି, ହେମଧର ନାଇକ ଏବଂ ମୋହନସିଂ ଗଣ୍ଡ, ସୁରେଶ ଚନ୍ଦ୍ର ବେହେରା, ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱେଶ କୁମାର ତ୍ରିପାଠୀ, ଜିତେନ୍ଦ୍ର କୁମାର ମାଝୀ, ଧଳେନ୍ଦ୍ର ଦ୍ୱାରୀ, ଧନଞ୍ଜୟ ବଡଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ଗୁରୁଦିବସ ଗୁରୁବାର ପାଳିତ ହୋଇଯାଇଛି। ଗୁରୁମାନଙ୍କ ପୂଜାର୍ଚ୍ଚନା କରିବା ପରେ ସ୍ୱଚ୍ଛତା ନିମନ୍ତେ ଶପଥ ପାଠ କରିଥିଲେ । ପ୍ରଧାନ ଶିକ୍ଷକ ତଥା ଅଧକ୍ଷ ସୁକାନ୍ତ କୁମାର ସ୍ୱାଇଁ ଗୁରୁଦିବସ ପାଳନ ଅବସରରେ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଓ ଛାତ୍ରୀମାନଙ୍କ କର୍ତ୍ତବ୍ୟ, ଆମ ସଂସ୍କୃତିରେ ଗୁରୁଶିଷ୍ୟ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ କିପରି ଗୁରୁଶିଷ୍ୟ ପରମ୍ପରାର ଅବକ୍ଷୟ ଘଟୁଛି ସେ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଛାତ୍ରୀ ବନ୍ଦିତା ସୁନାନୀ ପରିଚାଳନା କରିଥିଲେ। ଛାତ୍ରୀ ପୁଷ୍ପାଞ୍ଜଳି ହରିଜନ ଧନ୍ୟବାଦ ଦେଇଥିଲେ।

### ମଦ ଜବତ, ୨ ଗିରଫ

ଦିଗପହଣ୍ଡି,୫।୯(ଡି.ଏନ.ଏ.)-ଦିଗପହଣ୍ଡି ପୋଲିସ ଡେଙ୍ଗାଓଡ଼ା ଓ ଧର୍ମପୁର ଗ୍ରାମରେ ଚଢ଼ାଉ କରି ୧୩୮ଟି ବିଦେଶୀ ମଦ ବୋତଲ ଜବତ କରିବା ସହ ୨ ବିକ୍ରେତାଙ୍କୁ ଗିରଫ କରିଛି। ବୁଧବାର ରାତି ପ୍ରାୟ ସାଢେ ୭ଟାରେ ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳେ ଚଢ଼ାଉ କରି ଡେଙ୍ଗାଓଡ଼ା ଗ୍ରାମ ବଜାରରେ ବିଦେଶୀ ମଦ ବିକ୍ରି କରୁଥିବା ବାଳକୃଷ୍ଣଙ୍କୁ କାବୁ କରିଥିଲେ। ତାଙ୍କ ଦୋକାନରୁ ୧୧୨ଟି ବିଦେଶୀ ମଦ ବୋତଲ ଓ ଫ୍ରିଜ ଜବତ କରାଯାଇଛି। ଏ ନେଇ ନଂ.୧୭୩/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ଧର୍ମପୁର ଗ୍ରାମର ବିଷ୍ଣୁଙ୍କ ନିକଟରୁ ୨୬ଟି ବିଦେଶୀ ମଦ ବୋତଲ ଜବତ କରିଛି ପୋଲିସ। ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟ ଚଲାଣ କରାଯାଇଛି।

# ଇନ୍ଦ୍ରାବତୀ ଜଳଭଣ୍ଡାରର ୨ ଗେଟ୍ ଖୋଲିଲା

ନବରଙ୍ଗପୁର,୫।୯(ବି.ପ୍ର.)



ଜଳଭଣ୍ଡାରର ଦୁଇଟି ଗେଟ୍‌ରେ ପାଣି ନିଷ୍କାସିତ ହେଉଛି ।

ନବରଙ୍ଗପୁର ଜିଲାରେ ୨ ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଇଛି। ସେଥିପାଇଁ ଜଳଭଣ୍ଡାରର ୨ଟି ଗେଟ୍ ଗୁରୁବାର ଅପରାହ୍ଣରେ ଖୋଲାଯାଇଛି। ଜଳଭଣ୍ଡାରର ୭ଟି ଗେଟ୍ ମଧ୍ୟରୁ ୨ ଓ ୬ ନମ୍ବର ଗେଟ୍‌କୁ ୧ ମିଟର ଲେଖାଏଁ ଖୋଲାଯାଇଛି । ଇନ୍ଦ୍ରାବତୀ ଜଳ ଭଣ୍ଡାରକୁ ସେକେଣ୍ଡ ପ୍ରତି ୮୨୪ କ୍ୟୁସେକ ଜଳ ପ୍ରବେଶ କରୁଛି । ଦୁଇଟି ଗେଟ୍ ମଧ୍ୟଦେଇ ସେକେଣ୍ଡ ପ୍ରତି ୨୭୬ କ୍ୟୁସେକ ଜଳ ନିଷ୍କାସିତ ହେଉଥିବା ଇନ୍ଦ୍ରାବତୀ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ଲଗାଣ ବର୍ଷା ଯୋଗୁ ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧିପାଇ ୬୪୧ ମିଟର ଛୁଇଁବା ପରେ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଗେଟ୍ ଖୋଲାଯାଇଛି । ଶୁକ୍ରବାର ପୂର୍ବାହ୍ଣ ୧୦ଟା ପରେ ଜଳଭଣ୍ଡାରର ଜଳସ୍ତର ମପାଯାଇ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରକଳ୍ପ ଅଧିକାରୀ ସାମନ୍ତ ଶେଖର ଧଳ ସୂଚନା ଦେଇଛନ୍ତି।

ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ପକ୍ଷରୁ ନବରଙ୍ଗପୁର, କୋରାପୁଟ, ଛତିଶଗଡର ଜଗଦଲପୁର ଓ ଦାନ୍ତେୱାଡା ଜିଲାପାଳମାନଙ୍କୁ ଜଳଭଣ୍ଡାର ଜଳପତ୍ତନ ବୃଦ୍ଧି ଯୋଗୁ ଜଳ ନିଷ୍କାସନ କରାଯାଉଥିବାରୁ ଲୋକମାନଙ୍କୁ ସତର୍କ ସୂଚନା ପ୍ରଦାନ ପାଇଁ ଚିଠି ମାଧ୍ୟମରେ ଦର୍ଶାଯାଇଛି । ଲଗାଣ ବର୍ଷା ହେଉ କିମ୍ବା ନ ହେଉ ଜଳଭଣ୍ଡାରରୁ ତଳ ଅଞ୍ଚଳକୁ ପାଣି ନିଷ୍କାସନ କରାଯାଉଥିବାରୁ ନଦୀକୁ ବ୍ୟବହାର କରିବେ ନାହିଁ । ଏଣୁ ପ୍ରକଳ୍ପ ଜଳଭଣ୍ଡାର ପରିସର ମଧ୍ୟରେ କୃଷି କାର୍ଯ୍ୟ, ଗୋଚାରଣ, ଚଳପ୍ରଚଳନ ନିଷେଧ କରାଯାଇଛି । ନଦୀ ବନ୍ଧର ତଳ ଅଞ୍ଚଳରେ ବସବାସ କରାଯାଉଥିବା ଲୋକମାନଙ୍କୁ ସତର୍କ କରାଯାଇଛି । ବନ୍ୟା ନଥିଲେ ଓ ବର୍ଷା ହେଉନଥିଲେ ମଧ ଇନ୍ଦ୍ରାବତୀ ନଦୀ ଗର୍ଭକୁ କୌଣସି ପ୍ରକାରେ ବ୍ୟବହାର କରିବା ସମୟରେ ସାବଧାନ ରହିବେ । ଜଳସ୍ତର ବୃଦ୍ଧିର ଆଭାସ ପାଇବା ମାନେ ନିଜେ ଓ ନିଜର ଗୃହପାଳିତ ପ୍ରାଣୀମାନଙ୍କୁ ତୁରନ୍ତ ନଦୀ ଗର୍ଭରୁ ଅପସାରଣ କରିନେବେ । ଅଗଷ୍ଟ ୮ ତାରିଖରେ ମଧ ଜଳ ଭଣ୍ଡାରର ଦୁଇଟି ଗେଟ ଖୋଲାଯାଇଥିଲା । ଇନ୍ଦ୍ରାବତୀ ନଦୀ ସମେତ ଏହାକୁ ସଂଯୋଗ କରୁଛି ତୁରୀ, ଗୁଣିଥାଟ, ଚିକିଲି ଓ ଭାସ୍କଲ ନଦୀ । ଏନେଇ କୋଷାଗୁମୁଡା ବ୍ଲକ ଦେଇ ପ୍ରବାହିତ ହେଉଥିବା ଇନ୍ଦ୍ରାବତୀ ଓ ଭାସ୍କଲର ସଙ୍ଗମ ସ୍ଥଳରେ ଜଳସ୍ତର ବୃଦ୍ଧି ପାଇଛି ।

# ବ୍ଲକସ୍ତରୀୟ ଗୁରୁଦିବସରେ ୧୫ ସ୍କୁଲ ପୁରସ୍କୃତ

ତେନ୍ତୁଳିଖୁଣ୍ଟି,୫।୯(ଡି.ଏନ.ଏ)

ତେନ୍ତୁଳିଖୁଣ୍ଟି ବ୍ଲକରେ ବ୍ଲକସ୍ତରୀୟ ଗୁରୁଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଟି.ମିନତୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବନୀକାନ୍ତ ତ୍ରିପାଠୀ, ସମ୍ମାନୀତ ଅତିଥି ଏବିଇଓ ସୁଦର୍ଶନ ନାୟକ, ମୋହନ ମଧୁସୂଦନ ବାଘ, ହେଲେନ ସୁନା, ଆନନ୍ଦ ଭତ୍ରା, ପ୍ରମୋଦ କୁମାର ଦାଶ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଷେତ୍ରମୋହନ ବିଶୋଇ ପରିଚାଳନା କରିଥିଲେ। ଡାଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଆଦର୍ଶକୁ ଶିକ୍ଷକମାନେ ଜୀବନରେ ପ୍ରତିଫଳିତ କରିବା ପାଇଁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଲମତାଗୁଡା କ୍ଲଷ୍ଟର, ପୂଜାରିଗୁଡାର କ୍ଲଷ୍ଟର ଆଞ୍ଚଳିକ ସାଧନ ସଂଯୋଜକ ଆନନ୍ଦ କୁମାର ନେପାକ ଓ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ତେନ୍ତୁଳିଖୁଣ୍ଟି ବାପୁଜୀ ଉଚ୍ଚ ବିଦ୍ୟାଳୟ, ଦିଗିର ଶିବ ପ୍ରସାଦ ଉଚ୍ଚ ବିଦ୍ୟାଳୟ, ଅଁଳାଭଙ୍ଗାର ଗୋବର୍ଦ୍ଧନ ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା।

ସେହିପରି ୧୨ଟି କ୍ଲଷ୍ଟର ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଅଁଳାଭଙ୍ଗାର ବଡତାରାଗୁଡା ପ୍ରାଥମିକ ବିଦ୍ୟାଳୟ, ଝରିଗୁମ୍ମାର ଡେଙ୍ଗାପଦର ପ୍ରାଥମିକ ବିଦ୍ୟାଳୟ, ପାତ୍ରପୁଟର ଖରକିଗୁଡା ପ୍ରାଥମିକ ବିଦ୍ୟାଳୟ, ଅଞ୍ଚଳଗୁମ୍ମାର ମାଳିଗୁଡା ପ୍ରାଥମିକ ବିଦ୍ୟାଳୟ, ପୂଜାରିଗୁଡା କାନ୍ଦମାଳି ପ୍ରାଥମିକ ବିଦ୍ୟାଳୟ, ଲମତାଗୁଡାର ଉପରଯୋଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଣ୍ଡାଗାଁର ତାରାପାଣି ପ୍ରାଥମିକ ବିଦ୍ୟାଳୟ, ବାରଙ୍ଗ ସଦର କ୍ଲଷ୍ଟରର ଡାଇକ-୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସଲପାର ମହୁଲକୋଟ ପ୍ରାଥମିକ ବିଦ୍ୟାଳୟ, କଙ୍ଗ୍ରାର ଓଲମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଞ୍ଚାଗାଁର ଟାଙ୍ଗଣୀକୋଟ ପ୍ରାଥମିକ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି ଲଦିପଦର ପ୍ରାଥମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

■ ଓଡ଼ିଶା କୃଷକ ସଭା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

# ଜମି ଅଧିଗ୍ରହଣ, ଉଚ୍ଛେଦ ପୂର୍ବରୁ ଗ୍ରାମସଭା କରାଯାଉ




ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଓଡ଼ିଶା କୃଷକ ସଭାର ସଦସ୍ୟମାନେ ।

ନବରଙ୍ଗପୁର,୫।୯(ବି.ପ୍ର.)

ଓଡିଶା କୃଷକ ସଭା ନବରଙ୍ଗପୁର ଜିଲା ସାଙ୍ଗଠନୀକ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଉପଜିଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଜିଲା ମଧ୍ୟରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ୧୯୯୬ ପେଷା ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରିବାକୁ ଦାବୀପତ୍ର ପ୍ରଦାନ କରିଥିଲେ । ନବରଙ୍ଗପୁର ଜିଲା ଅନୁସୂଚିତ ଅଞ୍ଚଳ ହୋଇଥିବା ବେଳେ ସମ୍ପୂର୍ଣ୍ଣ ପେଷା ଆଇନ ଭୁକ୍ତ ଜିଲା ଅଟେ। ଜିଲାପ୍ରଶାସନ ଜମି ଅଧିଗ୍ରହଣ କରିବା ସମୟରେ ଗ୍ରାମସଭା କରାଯିବା ନିୟମ ରହିଛି ତାହା କରାଯାଉ ନାହିଁ। ଗ୍ରାମସଭା କରାନଯାଇ ଜଙ୍ଗଲ କିସମ, ଚାଷ ଓ ବାସଗୃହ ଜମି ଓ ରାଜସ୍ୱ ବିଭାଗ ଜମି ମଧ୍ୟରୁ ଜବରଦସ୍ତ ଲୋକଙ୍କୁ ଉଚ୍ଛେଦ କରାଯାଉଛି । ଜଙ୍ଗଲ ଅଧିକାର ଆଇନ ୨୦୦୬ ନିୟମ ଅନୁଯାୟୀ ଯଥାଶିଘ୍ର ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଉ । ରାଜସ୍ୱ ବିଭାଗ ଅଧୀନ କିମ୍ବା ବନବିଭାଗ ଅଧୀନରେ ଥିବା ଜଙ୍ଗଲ କିସମ ଜମି ଅଧିଗ୍ରହଣ, ଉଚ୍ଛେଦ ପୂର୍ବରୁ ଗ୍ରାମସଭା ଜରୁରୀ କରାଯାଉ । ଜଙ୍ଗଲ ଅଧିକାର କମିଟି ଓ ଗ୍ରାମସଭାର ବିନା ନିଷ୍ପତ୍ତିରେ ଉଚ୍ଛେଦ କରାଯାଇଥିବା ଓ ଘର ଭଙ୍ଗା ଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ଛୋଟ ଦୋକାନଗୃହ ପରିବାରଙ୍କୁ ଆଇନ ଅନୁଯାଇ ଜମି ପଟ୍ଟା ଓ ଗୃହ ଭଙ୍ଗା କ୍ଷତି ପୂରଣ ଦିଆଯାଉ। ଗୋଷ୍ଠୀ ଜଙ୍ଗଲ ଅଧିକାର ନିମନ୍ତେ ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟି ଦ୍ୱାରା ଅନେକ ଥର ନୋଟିସ ହେବା ସତ୍ତ୍ୱେ ମିଳିତ ତଦନ୍ତରେ ସହଯୋଗ ନକରିବା ବନ ବିଭାଗ କର୍ମଚାରୀ ଓ ରାଜସ୍ୱ ବିଭାଗ କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଉ। ଜିଲାର ଭୂମିହୀନ ପରିବାରଙ୍କୁ ୪ ଡିସିମିଲ ଘର ଡିହ ପଟ୍ଟା ଓ ବାସଗୃହ ଯୋଗାଇ ଦିଆଯାଉ । ବନବିଭାଗ ଦ୍ୱାରା ଠିକ ବନସୁରକ୍ଷା କମିଟିକୁ ରଦ୍ଦ କରାଯାଇ ଯଥାଶୀଘ୍ର ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଯାଉ । ପାରମ୍ପାରିକ ବନବାସୀଙ୍କ ଦଖଲ ଜଙ୍ଗଲ କିସମ, ଚାଷ ଓ ବାସ ଜମିକୁ ଚିହ୍ନଟ କରି ପଟ୍ଟା ବଣ୍ଟନ କରାଯାଉ । ବନ ବିଭାଗ ପକ୍ଷରୁ ବେଆଇନ ଭାବରେ ଆଦିବାସୀ ଓ ପାରମ୍ପାରିକ ବନବାସୀଙ୍କୁ ଗିରଫ କରିବା ବନ୍ଦ କରାଯାଉ ବୋଲି ଦାବିପତ୍ରରେ ଦର୍ଶାଯାଇଥିଲା । ଏଥିରେ କୃଷକ ସଭାର ଜିଲା ଆବାହକ ରାଜେସ ଜାନୀ, ଡିୱାଇଏଫଓ୍ୱାଇ ଚତୁରସିଂ ହରିଜନ, ସଖିରାମ ଗଣ୍ଡ, ପ୍ରହଲ୍ଲାଦ ସନ୍ତା, କରଣ ଗଣ୍ଡ, ତୀର୍ଥ ରାଉତ, ରାଜମନ ଗଣ୍ଡ, ନିଳକଣ୍ଠ ସାନ୍ତା, ବୁଦୁରାମ ଗଣ୍ଡ, ତ୍ରିଲୋଚନ ସାନ୍ତା, ଅମଲ ସୁନାରି, ରାମବତୀ ଗଣ୍ଡ, ଜୟନ୍ତି କମାର, ଅର୍ଜୁନ ମାଝୀ, ମିଶ୍ର ସାନ୍ତା, ମଳୟସାଇ ଭତ୍ରା, ନଭେନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

### ଖବରଦାତାଙ୍କ ସହ ଜିଲା ବିଜେଡି ପର୍ଯ୍ୟବେକ୍ଷକଙ୍କ ଆଲୋଚନା

## ସ୍ୱାସ୍ଥ୍ୟ ସମସ୍ୟା ଜଣାଇଲେ ଖବରଦାତା

ନବରଙ୍ଗପୁର,୫।୯(ବି.ପ୍ର.)

ନବରଙ୍ଗପୁର ଜିଲାର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ସିର୍କିଟ ହାଉସଠାରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଖବରଦାତାଙ୍କ ସହ ଗୁରୁବାର ଆଲୋଚନା କରିଥିଲେ। ଜିଲାରେ ଜଣେ ମଧ ଭେଷଜ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ନ ଥିବା ଖବରଦାତା ଅବଗତ କରାଇଥିଲେ। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ବର୍ମା ଆଲୋଚନା କରିଥିଲେ । ତୁରନ୍ତ ଭେଷଜ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ନିଯୁକ୍ତି କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପାଇଁ ରହିଥିବା ଅସୁବିଧାକୁ ଦୂର କରାଯିବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ହେଉଥିବା ନେଇ ଖବରଦାତା ଦୃଷ୍ଟି ଆକର୍ଷଣ କରିବାରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଜିଲାସ୍ତରୀୟ ନିଯୁକ୍ତି ପାଇଁ ଜିଲାର ଏମପି ଓ ବିଧାୟକମାନେ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବାକୁ କହିଥିଲେ। ଏମପି ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲାପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି, ଜିଲା ବିଜେଡି ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ରବି ପଟ୍ଟନାୟକ, ଉପସଭାପତି ଯୋଗେନ୍ଦ୍ର ସ୍ୱାଇଁ, ତାପସ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୫ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଗୁରୁ ସମ୍ମାନ

ନବରଙ୍ଗପୁର,୫।୯(ବି.ପ୍ର.)

ନବରଙ୍ଗପୁର ଜିଲାର ୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୁରୁ ଦିବସ ଉପଲକ୍ଷେ ଭୁବନେଶ୍ୱରଠାରେ ମାନ ପତ୍ର ଓ ଉପଢୌକନ ପ୍ରଦାନ କରି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମ୍ମାନିତ କରିଛନ୍ତି । ଗୁରୁଦିବସ ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଇଡକଲ ଅଡିଟୋରିୟମ ଠାରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ(ୟୁଟିଆଇ) ଓଡିଶା ପକ୍ଷରୁ ରୌପ୍ୟ ଜୟନ୍ତୀ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ ଗୁରୁ ସମ୍ମାନ ୨୦୧୯ ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ଲୋକ ପ୍ରିୟତା ହାସଲ କରିବା ସହ ଶିକ୍ଷା କ୍ଷେତ୍ରରେ ନିଜର ବ୍ୟକ୍ତିତ୍ୱକୁ ପ୍ରତିପାଦନ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ଟିଓଏମଇ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ପାପଡାହାଣ୍ଡି ସ୍କୁଲର ଶିକ୍ଷୟିତ୍ରୀ ନଳିନୀ ସାହୁ, ଉମରକୋଟର ଶିକ୍ଷୟିତ୍ରୀ ପ୍ରଭାତୀ ଦେବନାଥ, ଜବାଗୁଡା ବିଦ୍ୟାଳୟର ଶିକ୍ଷୟିତ୍ରୀ ପି. ଗୀତା, ନବରଙ୍ଗପୁର ଶିକ୍ଷୟିତ୍ରୀ ପି.ସୁଶିଳାଙ୍କୁ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆବାହକ ସମୀର ରଞ୍ଜନ ଦାଶ, ମହାସଚିବ ଡ. ଯୁଧିଷ୍ଠିର ଖଟୁଆ, ସଭାପତି ଅଧ୍ୟାପକ ବିକ୍ରମ କିଶୋରୀ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମାନିତ ହୋଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ।

■ ବିଜେଡି ଜିଲା କାର୍ଯ୍ୟକାରିଣୀ ବୈଠକ

# ପ୍ରତ୍ୟେକ ୱାର୍ଡରୁ ୧୦୦ ସଭ୍ୟ ସଂଗ୍ରହ କର




ବୈଠକରେ ଉପସ୍ଥିତ ବିଜେଡି ନେତାମାନେ ।

ପାପଡାହାଣ୍ଡି, ୫।୯,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଡାକ ବଙ୍ଗଳାରେ ଗୁରୁବାର ବିଜେଡିର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ଜିଲା ସଭାପତି ଅର୍ଜୁନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟଦାସ ବର୍ମା, ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ୱାର୍ଡରୁ ୧୦୦ ଜଣ ଲେଖାଏ ସଭ୍ୟ ସଂଗ୍ରହ କରିବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ସରକାରଙ୍କର ଯୋଜନାଗୁଡିକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସେ ଉପସ୍ଥିତ କର୍ମୀଙ୍କୁ କହିଥିଲେ। ସରକାରଙ୍କ ୫-ଟିକୁ ଅନୁସରଣ କରି ସ୍ଥାନୀୟ ଅଞ୍ଚଳର ଉନ୍ନତି କରିବୁ ବୋଲି ବିଧାୟକ ରନ୍ଧାରୀ କହିଥିଲେ। ଓଡିଶାର ବିକାଶ ପାଇଁ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପାଖରେ ଉପସ୍ଥାପନା କରିବୁ ବୋଲି ଏମ୍‌ପି ରମେଶ ଚନ୍ଦ୍ର ମାଝି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଉପଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଜିଲା ଉପସଭାପତି ସ୍ୱାଧୀନ ପଟ୍ଟନାୟକଙ୍କ ସହ ୪୦୦ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

■ ଦେଓବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କିତ ଖବର ପରିବେଷଣ ପରେ ଖବରଦାତାଙ୍କୁ ହତ୍ୟା ଧମକ ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କୁ ଭେଟିଲା ଓୟୁଜେ

ନବରଙ୍ଗପୁର,୫।୯(ବି.ପ୍ର.)



ସିଡିଏମଓଙ୍କ ସହ ଓୟୁଜେ ପ୍ରତିନିଧି ଆଲୋଚନା କରୁଛନ୍ତି ।

**୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମ୍‌ଓଙ୍କ ପ୍ରତିଶ୍ରୁତି**

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଖବର ପ୍ରକାଶନ ପରେ ଖବରଦାତାଙ୍କୁ ଦିଆଯାଉଛି ହତ୍ୟା ଧମକ। ନିଜର ଦୋଷ ଦୁର୍ବଳତା ଲୁଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ସମ୍ପର୍କୀୟ ଏପରି ପଦକ୍ଷେପ ନେଉଛନ୍ତି। ଏପରିକି ସ୍ୱାସ୍ଥ୍ୟସେବା ସମ୍ପର୍କିତ ଖବର ପ୍ରକାଶନ ପରେ ବିଭାଗୀୟ ଅଧିକାରୀ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । କର୍ମଚାରୀଙ୍କୁ ଏକ ପ୍ରକାର ସୁରକ୍ଷା ଦିଆଯାଉଛି। ଯାହା କି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ପରୋକ୍ଷରେ ଘଣ୍ଟ ଘୋଡାଯାଉଛି ବୋଲି ଅଭିଯୋଗ ହେଉଛି। ଦେଓବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହୁଲ ଖଳା କରାଯିବା ଏବଂ ୬ ଜଣ ଛାତ୍ରଙ୍କୁ ଚିକିତ୍ସା ନମିଳିବା ଘଟଣାକୁ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା । ଏହା ପରେ 'ଧରିତ୍ରୀ' ଖବରଦାତାଙ୍କୁ ଧମକ ଦିଆଯାଇଥିଲା। ଏହି ଘଟଣାକୁ ନେଇ ଓୟୁଜେ ନବରଙ୍ଗପୁର ଜିଲା ଶାଖାର ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଦେଓବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମହୁଲ ଖଳା ଏବଂ ୬ ଜ୍ୱରରେ ଆକ୍ରାନ୍ତ ଛାତ୍ର ଦେଓବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନପାଇବା ଘଟଣା ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏହି ଖବର ପ୍ରକାଶନ ପୂର୍ବରୁ ସିଡିଏମଓଙ୍କ ମତାମତ ନିଆଯାଇ ଏକ ପ୍ରକାର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଦୀର୍ଘଦିନ ପରେ ମଧ ସିଡିଏମଓ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠନ ଗ୍ରହଣ କରିନଥିଲେ । ଏବେ ଓୟୁଜେ ଜିଲା ସଭାପତି ସୁଶାନ୍ତ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ସାହୁ ଓ ରାଜ୍ୟ କାର୍ଯ୍ୟକାରିଣି କମିଟି ସଭ୍ୟ ରବିନାରାୟଣ ପଟ୍ଟନାୟକ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତଶ୍ରୁତି ଦେଇଛନ୍ତି । ତେବେ କାର୍ଯ୍ୟାନୁଷ୍ଠାନ ହେଉଛି କି ନାହିଁ ତାହା ସମୟ କହିବ ।

ଦେଓବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ଚିକିତ୍ସିତ ହୋଇପାରିଲେନି, ଡାକ୍ତରଖାନା ସମ୍ମୁଖରେ ଗଡିଲେ ଜ୍ୱରରେ ଆକ୍ରାନ୍ତ ଛାତ୍ର ସମ୍ପର୍କିତ ଖବର ଅଗଷ୍ଟ ୨୮ ତାରିଖରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହା ପରେ ଦେଓବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମା' ଓ ବାପା ଗିରିଧର ମଲ୍ଲିକ ଧରିତ୍ରୀର ଚନ୍ଦାହାଣ୍ଡି ବ୍ଲକ ଖବରଦାତା ଦିଲୀପ ଦାସଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଦିଲୀପ ଏ ସମ୍ପର୍କରେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଥାନାରେ ନଂ ୯୦/୧୯ରେ ମାମଲା ରୁଜୁ ହୋଇଥିଲା। ଚନ୍ଦାହାଣ୍ଡି ପୋଲିସ ଗିରିଧାରୀଙ୍କୁ ଧାରା ୪୧ରେ ନୋଟିସ କରିଛି।

## ସଂକ୍ଷେପରେ



### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଗୁଣପୁର,୫।୯(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ମରାଠିଗୁଡାସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହେଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । କର୍ତ୍ତା ଭାବେ ସୂର୍ଯ୍ୟ ନାରାୟଣ ରଥ ଏବଂ ପୂଜକ ଭାବେ ନବୀନ ରଥ, ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ଅକ୍ଟୋବର ୧୩ ତାରିଖରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ । ପୂଜା କମିଟି ସଭାପତି ମନୋରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ସମେଶ୍ୱର ସାମଲ, ଉପ ସଭାପତି ଗୋପାଳକୃଷ୍ଣ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭଗବାନ ନିଶଙ୍କଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

### କାଠ ଫାଳିଆରେ ପିଟି ଭାଇଙ୍କୁ ହତ୍ୟା

ଜେକେପୁର,୫।୯: ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନସ୍ଥ କୋଲନରା ବ୍ଲକ ଭୋଲମଡ଼ା ପଞ୍ଚାୟତ ଓ୍ୱାର୍ଦ୍ଧା ଗ୍ରାମରେ ବଡ଼ଭାଇର କାଠଫାଳିଆ ମାଡ଼ରେ ସାନଭାଇର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଜାମାନା ମାଣ୍ଡାଙ୍ଗି(୨୨)। ଗତ ୨ ତାରିଖରେ ଓ୍ୱାର୍ଦ୍ଧା ଗ୍ରାମର ଜାମାନା ଓ ଦାଦାଙ୍କ ପୁଅ କାମେଶ୍ୱର ମାଣ୍ଡାଙ୍ଗି(୩୦) ନିକଟସ୍ଥ ପାହାଡ଼ରେ ନିଜ କୁଡ଼ିଆରେ ଥିଲେ । ଏହି ସମୟରେ କୌଣସି କାରଣକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା । ବଚସା ଭୟଙ୍କର ରୂପ ନେବା ପରେ କାମେଶ୍ୱର ଉତ୍‌କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ଜାମାନାଙ୍କୁ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳର ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଏ ଘଟଣା ୨ ତାରିଖରେ ଘଟିଥିଲେ ମଧ୍ୟ ୨ ଦିନ ପରେ ଏହା ଲୋକଲୋଚନକୁ ଆସିଥିଲା। ଖବରପାଇ ଚାନ୍ଦିଲି ଥାନା ଅଧିକାରୀ ଅଜିତ୍ କୁମାର ସ୍ୱାଇଁ, ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ହର୍ଷଚନ୍ଦ୍ର ପାଣି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ କାମେଶ୍ୱରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ।

# ଦୁର୍ଦ୍ଦଶା ଭୋଗୁଛନ୍ତି ୱାର୍ଡ଼ ବାସିନ୍ଦା

## ଶୁଣୁନି ପ୍ରଶାସନ

- ମରାମତି ଅଭାବରୁ ଶୋଚନୀୟ
- ସାମାନ୍ୟ ବର୍ଷାରେ ରାସ୍ତାରେ ଜମୁଛି ପାଣି
- ମରାମତି କରା ନ ଗଲେ ଆନ୍ଦୋଳନ ଚେତାବନୀ



ରାୟଗଡା ଅଫିସ,୫।୯

ଅବିଭକ୍ତ କୋରାପୁଟ ଜିଲାର ଏକ ବାଣିଜ୍ୟ ଏବଂ ଶିଳ୍ପାଞ୍ଚଳ ଭାବେ ପରିଚିତ ରାୟଗଡା ସହର । ରାୟଗଡା ଜିଲାର ମାନ୍ୟତା ପାଇବା ପରେ ରାୟଗଡା ପୌର ପରିଷଦର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଅସାଧୁ ପଦାଧିକାରୀ ଏବଂ କର୍ମଚାରୀଙ୍କ ଆନ୍ତରିକତା ଅଭାବରୁ ଖୋଦ୍ ପୌର ପରିଷଦର ବିଭିନ୍ନ ୱାର୍ଡ଼ର ରାସ୍ତା ଅବସ୍ଥା ବେହାଲ ହୋଇପଡ଼ିଛି । ଫଳରେ ସହରବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି । ଏପରି ଅବସ୍ଥା ଦେଖିବାକୁ ମିଳିଛି ରାୟଗଡ଼ା ପରିଷଦରେ ଥିବା ୧୦ ନମ୍ବର ୱାର୍ଡରେ ।

ପଡୋଶୀ ଆନ୍ଧ୍ରକୁ ଲାଗିଥିବା ଏହି ସହରରେ ଦେଶର ବିଭିନ୍ନ ବର୍ଗର ଲୋକ ବସବାସ କରନ୍ତି । ବାଣିଜ୍ୟ ସହ ଶିଳ୍ପାଞ୍ଚଳ ଲାଗି ଏହି ସହର ସବୁବେଳେ ଚଳଚଞ୍ଚଳ। କିନ୍ତୁ ୧୦ ନଂ ୱାର୍ଡ଼ର ରାଣୀଗୁଡା ହାତୀପଥ ଯିବା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତା ଦେଇ ଚାଲିକି ଯିବା କଷ୍ଟକର ହୋଇପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ମାସ ପୂର୍ବରୁ ମେଟାଲ ପଡି ରହିଥିଲେ ମଧ୍ୟ ଏହା ଉଠାଯାଉନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଜମି ରହୁଛି । ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ସତେ ଯେପରି ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଏହି ରାସ୍ତା ଉପରେ ଦୃଷ୍ଟି ପଡୁନାହିଁ। ତୁରନ୍ତ ଏହି ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ପଚାରିବାରୁ, ଏହି ରାସ୍ତା କାମ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବ, ସମ୍ପୃକ୍ତ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବ। ତେବେ କେଉଁଥିପାଇଁ କାର୍ଯ୍ୟ ବିଳମ୍ବ ହୋଇଛି ସେଥିପାଇଁ ପଦକ୍ଷେପ ନିଆଯିବ। ଯଦି ଟେଣ୍ଡର ପ୍ରକ୍ରିୟା ହୋଇ ନ ଥାଏ ତାହାହେଲେ କରାଯାଇ ରାସ୍ତା ନିର୍ମାଣ ହେବ । ପୌର ପରିଷଦ ଅଞ୍ଚଳରେ ଅନେକ ରାସ୍ତା କାର୍ଯ୍ୟ ନିର୍ମାଣ ପାଇଁ ଠିକାଦାରମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। କେଉଁମାନେ ଏହି କାର୍ଯ୍ୟରେ ଅବହେଳା କରୁଛନ୍ତି ସେ ସମ୍ବନ୍ଧରେ ଅନୁଧ୍ୟାନ କରାଯିବ। କନିଷ୍ଠଯନ୍ତ୍ରୀଙ୍କୁ ତଦନ୍ତ ପାଇଁ ପଠାଇବି ବୋଲି ସେ କହିଛନ୍ତି ।

## ସେମାନେ କ'ଣ କୁହନ୍ତି...



ବର୍ଷ ବର୍ଷ ଧରି ଆମେ ଏଠାରେ ଛୋଟ ବଡ ବ୍ୟବସାୟ କରି ଆସୁଛୁ । ଏହି ରାସ୍ତା ଦେଇ ଦୋକାନକୁ ଜିନିଷ ନେବା ଆଣିବାକରିବା ଆମ ପକ୍ଷେ କଷ୍ଟକର ହୋଇଯାଉଛି । କୌଣସି ଗାଡି ଚାଳକ ଏହି ରାସ୍ତାରେ ଆସିବା ପାଇଁ ଇଛା ପ୍ରକାଶ କରୁନାହାନ୍ତି । ଏମିତି କି ରାସ୍ତା ଅବସ୍ଥା ଦେଖି ଗ୍ରାହକମାନେ ଦୋକାନକୁ ଆସିବାକୁ ନାରାଜ ।ଏଥିସହ ବୁଲା ଗାଈ ରାସ୍ତା ଅବରୋଧ କରୁଛନ୍ତି । ଅନେକଥର ଅଭିଯୋଗ କଲେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ।

- ସନ୍ତୋଷ କୁମାର ସାହୁ



ଦୈନିକ ହଜାର ହଜାର ଖାଉଟି ଏବଂ ବ୍ୟବସାୟୀ ଏହି ସହର ଉପରେ ନିର୍ଭର କରନ୍ତି । କିନ୍ତୁ ରାସ୍ତା ଅବସ୍ଥା ଖରାପ ଥିବାରୁ ବ୍ୟବସାୟ ଏବଂ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଭାଗ୍ୟକୁ ଆଦରି ପଡି ରହିଛୁ । ଆମ ଅଭିଯୋଗକୁ କେହି ଶୁଣୁ ନାହାନ୍ତି ।

-ସି.ହେଚ୍. ରାମବାବୁ



ଏଠାରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। କଥାରେ ଅଛି,ମୋତେ ଯେତେ ମାଠିବୁ ମାଠ୍ ମୁଁ ସେହି ଦରପଡା କାଠ । ମୁଖ୍ୟମନ୍ତ୍ରୀଙ୍କ ପଞ୍ଚସୂତ୍ରୀ ଯୋଜନା ଏ ସହର ପାଇଁ ସାତ ସପନ । ସାଧାରଣ ଜନତାଙ୍କ ହିତ ପାଇଁ ପୌର ପରିଷଦ କାମ କରୁନାହିଁ।

- ଗୌରୀ ପ୍ରସାଦ ସାହୁ



ଯାନବାହନ ଯାଞ୍ଚ କରାଯାଉଛି।

# ୫ ଦିନରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା

### ସୂଚନାପତ୍ର , ଫ୍ଲେକ୍ସ ହୋର୍ଡିଂ ଲଗାଇ ଲୋକଙ୍କୁ ସଚେତନ କରୁଛି ପ୍ରଶାସନ

ରାୟଗଡ଼ା ଅଫିସ, ୫।୯

**ଗାଡିମୋଟର ଯାଞ୍ଚ**

ରାୟଗଡ଼ା ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଟ୍ରାଫିକ୍ ପୋଲିସ ଦ୍ୱାରା କେନ୍ଦ୍ର ସରକାରଙ୍କ ନୂତନ ଭାବେ ପ୍ରଣୀତ ମୋଟର ଆଇନ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯାଇଛି। ଏଥିସହ ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କଠାରୁ ଗୁରୁବାର ଜରିମାନା ଆଦାୟ କରାଯାଇଛି।

ଦୁର୍ଘଟଣା କମାଇବା ଓ ଧନଜୀବନ ସୁରକ୍ଷା କରିବା ପାଇଁ କେନ୍ଦ୍ର ସରକାର ଏହି ନୂତନ ନିୟମ ପ୍ରଣୟନ କରିଛନ୍ତି। ଏହି କ୍ରମରେ ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ଥାନରେ କେନ୍ଦ୍ର ସରକାରଙ୍କ ନୂତନ ନିୟମ ସମ୍ବଳିତ ସୂଚନାପତ୍ର ବଣ୍ଟନ କରାଯାଇଛି। ସହରର ମୁଖ୍ୟ ଛକମାନଙ୍କରେ ଫ୍ଲେକ୍ସ ବୋର୍ଡ ଲଗାଯାଇଛି। ଏଥିସହ ଏକ ମିନି ଭ୍ୟାନ ସଚେତନତା ବାର୍ତ୍ତା ପ୍ରଚାର କରି ସହର ସାରା ଘୁରି ବୁଲିଥିଲା। ଚଳିତ ମାସ ୧ରୁ ୫ତାରିଖ ପର୍ଯ୍ୟନ୍ତ ନିୟମ ଭଙ୍ଗ କରିଥିବା ଗାଡି ଚାଳକଙ୍କଠାରୁ ଖବର ଲେଖା ହେବା ପର୍ଯ୍ୟନ୍ତ ୭,୯୦,୦୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳେଇ କହିଛନ୍ତି। ମୋଟର ଆଇନ କଡାକଡି ହେବା ପରେ ଲୋକମାନେ ଏବେ କିଛିଟା ସାବଧାନ ହୋଇଛନ୍ତି। ଆଗାମୀ ଦିନରେ ଏହି ନିୟମକୁ ଆହୁରି କଡାକଡି ଭାବେ ଲାଗୁ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ କହିଛନ୍ତି। ଜରିମାନା ଆଦାୟ ସମୟରେ ଆରଟି ଦିଲୀପ କୁମାର ଦଳେଇ, ଏମ୍‌ଭିଆର ଶିବ ଶଙ୍କର ଚୌଧୁରୀ, ରାଜ କିଶୋର ବେହେରା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଭେଙ୍କଟେଶ, ଟ୍ରାଫିକ୍ ଇନ୍ସପେକ୍ଟର ଯୁଧିଷ୍ଠୀର ଲେଙ୍କା, ଆଇଆଇସି ନିହାର ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାଂଶ ଲୋକେ ଏହି ନୂତନ ନିୟମକୁ ସ୍ୱାଗତ କରିଥିବାବେଳେ କିଛି ଅସାଧୁ ପ୍ରଶାସନିକ ଅଧିକାରୀ ଏହାର ଅସତ୍ ଉପାୟରେ ଫାଇଦା ଉଠାଇବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଗୁରୁବାର ଦିନ ପ୍ରବଳ ବର୍ଷା ସତ୍ତ୍ୱେ ରାୟଗଡ଼ାରେ ଗାଡି ଚାଳକଙ୍କ କାଗଜପତ୍ର ଯାଞ୍ଚ ହେଉଥଲା।

# ରାୟଗଡ଼ା କୋର୍ଟରେ ହାଜର ହେଲେ ସବ୍ୟସାଚୀ

ରାୟଗଡ଼ା ଅଫିସ,୫।୯



କୋର୍ଟକୁ ସବ୍ୟସାଚୀ ପଣ୍ଡା ଯାଉଛନ୍ତି।

ରାୟଗଡ଼ା ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ କୋର୍ଟରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଗୁରୁବାର ହାଜର କରାଯାଇଥିଲା। ଚାନ୍ଦିଲି ଥାନା ଅନ୍ତର୍ଗତ ଲିଙ୍ଗାଗୁଡ଼ା ଏନକାଉଣ୍ଟର ମାମଲାରେ ସମ୍ପୃକ୍ତ ନେଇ ସେ ହାଜର ହୋଇଥିଲେ । ସିଜେଏମ ଜ୍ଞାନେନ୍ଦ୍ର କୁମାର ବାରିକ ଏହି ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିରେ ୧୯ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୦୨ରେ ଚାନ୍ଦିଲି ଥାନା ଅନ୍ତର୍ଗତ ଲିଙ୍ଗାଗୁଡ଼ାଠାରେ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ କରୁଥିଲେ । ଏଠାରେ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ଖବରପାଇ ଚାନ୍ଦିଲି ଥାନା ଏସଆଇ ଉମାଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲା । ଏହି ସମୟରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏଥିରେ ମାଓବାଦୀ ନେତା ପଣ୍ଡାଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ଗୁରୁବାର ବିଚାର କରାଯାଇ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ଏଥିସହ ମିଟ୍ସ କଲେଜ ନିକଟସ୍ଥ ବିସ୍ଫୋରଣ ଘଟଣାର ଶୁଣାଣି ଆସନ୍ତା ୧୬ ତାରିଖରେ କରାଯିବ ବୋଲି ସବ୍ୟସାଚୀଙ୍କ ଓକିଲ ଦୀପକ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସରକାରଙ୍କ ତରଫରୁ ଆଇନଜୀବୀ ଉମା ପଟ୍ଟନାୟକ, ମୁଦାଲାଙ୍କ ତରଫରୁ ଦୀପକ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ମଙ୍ଗଳମୂର୍ତ୍ତି ବେହୁରିଆ କେସ ପରିଚାଳନା କରିଥିଲେ ।

### ତେନ୍ତୁଳି ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବିଷମକଟକ, ୫।୯

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ କାଙ୍କୁବାଡି ପଞ୍ଚାୟତର ଜାମୁଗୁଡା ଗ୍ରାମ ନିକଟ ଏକ ତେନ୍ତୁଳି ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି । ସେ ହେଲେ ଜାମୁଗୁଡା ଗ୍ରାମର ଜଳନ୍ଧର କାଡ୍ରାକା (୨୫) । ଜଳନ୍ଧର ବୁଧବାର ସନ୍ଧ୍ୟାରୁ କେଉଁଆଡେ ଚାଲିଯାଇଥିଲେ। ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ହେଲେ କୌଣସି ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ଗାଁ ନିକଟ ଏକ ତେନ୍ତୁଳି ଗଛରେ ଜଳନ୍ଧରଙ୍କ ମୃତଦେହ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ ।

# ଦୁଃଖ ଦେଉଛି ଶୋଚନୀୟ ରାସ୍ତା

ଟିକିରି,୫।୯(ଡି.ଏନ୍.ଏ.)

ଗାଁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଆସୁନି। ଫଳରେ ରୋଗୀଙ୍କୁ ଭାରରେ ଆମ୍ବୁଲାନ୍ସ ନିକଟକୁ ଆଣିବାକୁ ପଡୁଛି। ସେଠାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି। ଏହା ହେଉଛି ରାୟଗଡା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅଧୀନ ବାଲିଗୁଡା ଗାଁର ଦୃଶ୍ୟ। ଗାଁକୁ ଭଲ ରାସ୍ତା ଟିଏ ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧା ଭୋଗୁଥିବା କହିଛନ୍ତି। ବିଭିନ୍ନ ସମୟରେ ଏଭଳି ଘଟଣା ଘଟୁଛି। ଗାଁ ରାସ୍ତା ଅଧାପନ୍ତରିଆ ରହିଛି। ବର୍ଷା ଦିନେ ଉକ୍ତ ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି। ଏହି ଶୋଚନୀୟ ରାସ୍ତା ଆମ ଦୁଃଖ ବଢାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଚାରିଯୋଡିରୁ ଦଳଡେଙ୍ଗା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବାର ଥିଲା। ଏହି କ୍ରମରେ ଚାରିଯୋଡିରୁ ରାସ୍ତା କାମ ଆରମ୍ଭ ହୋଇଥିଲା। ବର୍ଷା ଦିନ ହୋଇଥିବାରୁ ଉକ୍ତ ନିର୍ମାଣାଧୀନ ରାସ୍ତା କର୍ଦ୍ଦମାକ୍ତ ହୋଇ ପଡିଛି। ଫଳରେ ଯାତାୟତରେ ବିଭିନ୍ନ ଅସୁବିଧା ହେଉଛି। ରାସ୍ତା ଅବସ୍ଥା ଖରାପ ଥିବାରୁ ୩କିମି ରାସ୍ତାକୁ ଅତିକ୍ରମ କରିବାକୁ ପ୍ରାୟ୨ ଘଣ୍ଟା ଲାଗୁଛି। ଇତିମଧ୍ୟରେ କିଛିଦିନ ତଳେ ବାଲିଗୁଡାର ଦଶମତି ନାଏକଙ୍କ ସ୍ତ୍ରୀ ଜେମାମଣିଙ୍କ ଦେହ ଖରାପ ହୋଇଥିଲା। ପରିବାର ଲୋକେ ତୁରନ୍ତ ଗୋରଖପୁରସ୍ଥିତ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ତେବେ ପକ୍କା ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା। ରୋଗୀଙ୍କୁ ଭାରରେ ପରିବାର ଲୋକେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥଲେ। ଏହି ରାସ୍ତା ନିର୍ମାଣ କାମ ଶେଷ କରିବାକୁ ତ୍ରିନାଥ ନାଏକ, ପରିକ୍ଷିତ ନାଏକ, ବାୟାମଣି ଯଜ୍ଞଶ୍ୱେରୀ ନାଏକ ପ୍ରମୁଖ ଦାବି କରିଛନ୍ତି। ସେହିପରି କାଦୁଗୁଡା ନଦୀରେ ପୋଲ ନିର୍ମାଣ ପାଇଁ ମଧ ଅଞ୍ଚଳବାସୀ ଦାବି କରିଛନ୍ତି। ଗତବର୍ଷ ଏହି ନଦୀ ପାର ହେଉଥିବାବେଳେ ହଠାତ୍ ପାଣି ଆସି ଯିବାରୁ ଗାଁର ଜଣେ ଭାସି ଯାଇଥିଲେ। ତେଣୁ ତୁରନ୍ତ ରାସ୍ତା କାମ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର

ପଦ୍ମପୁର, ୫।୯ (ଡି.ଏନ୍.ଏ.)

ପବିତ୍ର ଗୁରୁଦିବସରେ ବିଭିନ୍ନ ଦାବି ନେଇ ପଦ୍ମପୁର ବ୍ଲକର ନୂତନ ପେନ୍‌ସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ନାୟକଙ୍କୁ ପ୍ରଦାନ କରିଛନ୍ତି । ସଂଘ ସଭାପତି ରଘୁନାଥ ମିଶ୍ର, ନୂତନ ପେନ୍‌ସନ୍‌ଭୁକ୍ତ ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେଶ ପଣ୍ଡା ଓ ଶିକ୍ଷା ସହାୟକ ସଂଘର କୋଷାଧ୍ୟକ୍ଷ ପି. ବିଶ୍ୱନାଥଙ୍କ ନେତୃତ୍ୱରେ ବ୍ଲକର ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରବଳ ବର୍ଷା ସତ୍ତ୍ୱେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗଣଶିକ୍ଷା ବିଭାଗ ସଚିବ ଓ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବ ପ୍ରଚଳିତ ଅବସରକାଳୀନ ପୁରୁଣା ପେନ୍‌ସନ୍ ନୀତି ଲାଗୁ କରିବା, ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଶିକ୍ଷକଙ୍କ ଡ୍ରେସ୍‌କୋଡ୍‌ର ରଙ୍ଗ ଏକାପରି ରଖିବା, ନୂତନ ପେନ୍‌ସନ୍‌ଭୁକ୍ତ ସମସ୍ତ ପ୍ରାଥମିକ ଶିକ୍ଷକଙ୍କ ୨୮୦୦ ଗ୍ରେଡ୍ ପେ'କୁ ତୁରନ୍ତ ଲାଗୁ କରିବା, ସପ୍ତମ ବେତନ କମିଶନଙ୍କ ନିର୍ଦ୍ଧାରିତ ବକେୟା ୫୦% ବର୍ଦ୍ଧିତ ଦରମା ତୁରନ୍ତ ପ୍ରଦାନ କରିବା ଆଦି ଦାବି କରିଛନ୍ତି । ଉକ୍ତ ଦାବିପତ୍ରକୁ ପଦ୍ମପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ଶବର ଓ ମୁଖ୍ୟ କିରାଣି ଭି. ହରିନାଥଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ଦିଲୀପ କୁମାର କର , ବୁଦ୍ଧିମନ୍ତ ସାହୁ ,ଗୌରୀ ମିଶାଲ , ଶାନ୍ତନୁ ଦାସ , ପୁରୁଷୋତ୍ତମ ଲାବଲା , ହରିଶ୍ଚନ୍ଦ୍ର ପଣ୍ଡା, ଶ୍ରଦ୍ଧାଞ୍ଜଳି ମିଶ୍ର, କୈଳାସ ଲିମା, ନାଥ ପାଲକା, ହୃଷିକେଶ ପରିଡାଲା, ପଦ୍ମଚରଣ ଚୁଳ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ବିନା ଛାତ୍ର ଜୀବନ ମୂଲ୍ୟହୀନ

ରାୟଗଡ଼ା ଅଫିସ/ଟିକିରି/ ପଦ୍ମପୁର/ ବିଷମକଟକ/ଦୁର୍ଗୀ/ ଗୁଣପୁର/ ମୁନିଗୁଡ଼ା, ୫।୯



ରାୟଗଡାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ରାଣୀଗୁଡ଼ାସ୍ଥିତ ଓଡ଼ିଶା ଅମଲା ସଂଘ ପାଠାଗାରରେ ଗୁରୁଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଜନଜାତି ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗୁରୁ ବିନା ଛାତ୍ର ଜୀବନ ମୂଲ୍ୟହୀନ ବୋଲି କହିଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ଫେଡେରେଶନ ସଭାପତି ଅନନ୍ତ ଚରଣ ରଥ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଦାଶରଥୀ ରାଜଗୁରୁ, ଜିଲା ସଂଘ ପରାମର୍ଶଦାତା ମନୋଜ ଗନ୍ତାୟତ, ବିଡିଓ ରଜନୀକାନ୍ତ ସାମନ୍ତରାୟ, ଜିଲା ପ୍ରକଳ୍ପ ସଂଯୋଜିକା ଆନାସ୍ତେସିଆ କେରକେଟା, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା ଉପସ୍ଥିତ ଥିଲେ। ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୧ ବ୍ଲକର ସଂଘ କର୍ମକର୍ତ୍ତା , ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଗାୟତ୍ରୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଛି ଗୁରୁଦିବସ। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଏସ. ମାଧବ ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଛାତ୍ରର ଜୀବନ ଗଠନରେ ଗୁରୁଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ସମ୍ପାଦକ ସୁନୀଲ ପ୍ରସାଦ ମହାପାତ୍ରଙ୍କ ସମେତ ଗୁରୁଜୀଗୁରୁମା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଗୁରୁଦିବସ ପାଳିତ ହୋଇଛି। ପିଲାଏ ଗୁରୁମା ଗୁରୁଜୀଙ୍କୁ ପୂଜା କରି ଆର୍ଶୀବାଦ ନେଇଥିଲେ।

ପଦ୍ମପୁର ବ୍ଲକ ଗୁଡିଆବନ୍ଧସ୍ଥିତ ବସନ୍ତଦେବୀ ବିଦ୍ୟା ପୀଠରେ ଗୁରୁଦିବସ ପାଳିତ ହୋଇଛି। ଏକ ସଂସ୍କାର ଧର୍ମୀ ନାରୀ ଜୀବନ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରି ପ୍ରସିଦ୍ଧ ଲାଭ କରିଥିବା ସ୍କୁଲ ଶିକ୍ଷକ ମନୋଜ ଜେନାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହା ସହିତ ପଦ୍ମପୁରସ୍ଥିତ ସମସ୍ତ ସ୍କୁଲରେ ଗୁରୁ ଦିବସ ପାଳିତ ହୋଇଛି।

ବିଷମକଟକ ସଦର ମହକୁମାସ୍ଥିତ ମା' ମାର୍କମା ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ଛାତ୍ରୀଛାତ୍ରମାନେ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ପୂଜା କରିବା ସହ ଆର୍ଶୀବାଦ ନେଇଥିଲେ। ସେହିପରି ସଂସ୍କାର ଭେଲି ମଡେଲ ସ୍କୁଲ ଏବଂ ନ୍ୟୁ ଲାଇଫ ଇଂରାଜୀ ବିଦ୍ୟାଳୟରେ ଗୁରୁଦିବସ ପାଳନ ଅବସରରେ ଛାତ୍ରୀଛାତମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଦୁର୍ଗୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଗୁରୁଦିବସ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ତାମ୍ପ୍ରାପୁଙ୍କ ସମେତ ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସମସ୍ତେ ପାଠପଢି ସମାଜରେ ଭଲ ମଣିଷ ହେବାକୁ ସେମାନେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

ଗୁଣପୁରର ବିଭିନ୍ନ ସ୍ଥାନରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ର ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତିଚାରଣ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ତଥା ସଙ୍ଗୀତପ୍ରେମୀ ସୁରେନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗ ଦେଇ ଗୁରୁଶିଷ୍ୟର ପରମ୍ପରା ଉପରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟଜ୍ଞାପନ କରିଥିବାବେଳେ ଆଚାର୍ଯ୍ୟା ତାଙ୍ଗୁଡୁ ରଶ୍ମିତା ସଂଯୋଜନା କରିଥିଲେ । ଆଚାର୍ଯ୍ୟ କିଶୋରଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ଘୁଙ୍ଗୁଡୁ ରାମ ପାତ୍ର ଓ ଆଚାର୍ଯ୍ୟା ଜ୍ୟୋତିରେଖା ଦାସଗୁରୁ ଦିବସ ଉପରେ ବକ୍ତବ୍ୟ ରଖିଥିଲେ । ପରିଚାଳନା କମିଟି ସଭାପତି ଲଳିତ ବୈଦ୍ୟଭୂଷଣ ଉପସ୍ଥିତ ଥିଲେ । ଶେଷରେ ଆଚାର୍ଯ୍ୟ ଦୂର୍ଗା ପ୍ରସାଦ ସୁଆର ଧନ୍ୟବାଦ ଦେଇଥିଲେ ।

ମୁନିଗୁଡ଼ାର ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି । ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଫୁଲ ଚନ୍ଦନ, ସିନ୍ଦୂର ଦେଇ ଆଳତି କରି ପୂଜାର୍ଚ୍ଚନା କରିବା ସହ ଗୁରୁବନ୍ଦନା ଗାଇ ଆଶୀର୍ବାଦ ନେଇଥିଲେ। ଏଥିସହ ଗୁରୁମାନଙ୍କୁ ଫୁଲମାଳ,ପୁଷ୍ପଗୁଚ୍ଛ ସହ ଉପହାର ମଧ୍ୟ ଦିଆଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

